## କପିଳାସ ଜୁ'ରେ ଅଜଗର ମୃତ

ଢେଙ୍କାନାଳ ଅଫିସ: ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ କେଜ୍ ମଧ୍ୟରେ ଥିବା ୧୦ ଫୁଟ ଲମ୍ବର ଏକ ଅଜଗରର ବୁଧବାର ମୃତ୍ୟୁ ଘଟିଛି। ଉକ୍ତ ସାପ କିଛିଦିନ ହେଲା ଅସୁସ୍ଥ ଥିଲା। ବ୍ୟବଚ୍ଛେଦ ପରେ ସାପ ବେକର ଏକ ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେହିପରି ଏହାର ଲିଭରରେ ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଅସୁସ୍ଥ ଅଜଗରର ଖାଦ୍ୟ ହଜମରେ ସମସ୍ୟା ହେଉଥିଲା। ଭୁବନେଶ୍ୱର ଓୟୁଏଟିକୁ ନମୁନା ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।



ପଣ୍ଡିତ ଅନ୍ତର୍ଯାମୀ ମିଶ୍ରଙ୍କୁ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମ୍ବର୍ଦ୍ଧିତ କରୁଛନ୍ତି।


ମଶାଲ ଶୋଭାଯାତ୍ରାରେ ଜନପ୍ରତିନିଧି, କଳାକାର ଏବଂ ସହରବାସୀ।

# 'ମନୋରଞ୍ଜନର ସୁଯୋଗ ଆଣିଛି ମହୋତ୍ସବ'

### ପ୍ରଥମ କାମାକ୍ଷାନଗର ମହୋତ୍ସବ ଆରମ୍ଭ

କାମାକ୍ଷାନଗର, ୮।୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ରହୁଥିବା ଲୋକେ ମନୋରଞ୍ଜନ ପାଇଁ ସୁଯୋଗ ଖୋଜୁଥାଆନ୍ତି। ପ୍ରଥମଥର ଆୟୋଜିତ କାମାକ୍ଷାନଗର ମହୋତ୍ସବ ଉପଖଣ୍ଡ ଅଞ୍ଚଳବାସୀଙ୍କ ଏହି ଆଶା ପୂରଣ କରିବ ବୋଲି କହିଛନ୍ତି ଖଣିମନ୍ତ୍ରୀ ତଥା କାର୍ଯ୍ୟକ୍ରମର ଉପଦେଷ୍ଟା ପ୍ରଫୁଲ୍ଲ ମଲ୍ଲିକ। ମହୋତ୍ସବ ଉପଲକ୍ଷେ ସାରଙ୍ଗଧର ଷ୍ଟାଡିୟମରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ଖ୍ୟାତନାମା ସାହିତ୍ୟିକ ଅନ୍ତର୍ଯାମୀ ମିଶ୍ର, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାମାକ୍ଷାନଗର ହେଉଛି ସଂଗ୍ରାମୀଙ୍କ ମାଟି। ଗଡ଼ଜାତ ଆନ୍ଦୋଳନ ହେଉ କି ସ୍ୱାଧୀନତା ସଂଗ୍ରାମ, ଏ ମାଟିର ବୀରପୁତ୍ର ଜୀବନକୁ ବାଜି ଲଗାଇବାକୁ ପଛେଇ ନାହାନ୍ତି ବୋଲି ପଣ୍ଡିତ ମିଶ୍ର ନିଜ ଅଭିଭାଷଣରେ କହିଥିଲେ। ସେହିପରି ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ମିଶ୍ର କହିଲେ, କେବଳ ସହରାଞ୍ଚଳରେ ମେଳା ମହୋତ୍ସବ ସୀମିତ ରହିବ ନାହିଁ। ଏଣିକି ଏହି ଧାରାରେ ଗ୍ରାମାଞ୍ଚଳକୁ ମଧ୍ୟ ସାମିଲ କରାଯିବ। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ବାସ୍ତବିକ୍ ପ୍ରଶଂସନୀୟ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଣ୍ଡିତ ଅନ୍ତର୍ଯାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ କାମାକ୍ଷାନଗର ଉପଖଣ୍ଡ ଅଧୀନ ଭୁବନ ଏନ୍ଏସି ସମେତ ୪ ବ୍ଲକ ସାମିଲ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ସମ୍ପୃକ୍ତ ବ୍ଲକରୁ ମଶାଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରୁ ଭବ୍ୟ ଶୋଭାଯାତ୍ରା, ନଗର ପରିକ୍ରମା କରି ସାରଙ୍ଗଧର ଷ୍ଟାଡିୟମରେ ପହଞ୍ଚିଥିଲା। ଖଣିମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାପାଳ ସରୋଜ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଅତିରିକ୍ତ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ବିଡିଓ ବିକାଶ କୁମାର ମହାନ୍ତି, ଡ. କଲ୍ୟାଣ ସୌରଭ ଦାସ, ସଂଗ୍ରାମ କେଶରୀ ଭୋଳଙ୍କ ସମେତ ସମସ୍ତ ବ୍ଲକର ବହୁ ନିର୍ବାଚିତ ଜନପ୍ରତିନିଧି, ଏସ୍ଏଚ୍ଜି ସଦସ୍ୟ ଉପସ୍ଥିତ ଥିଲେ। ମହୋତ୍ସବ ଉପଲକ୍ଷେ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ମିନି ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା ମଧ୍ୟ ଆୟୋଜିତ ହେଉଛି।

## ଲୋକନୃତ୍ୟରେ ଦୁଲୁକିଲା ସହର

କାମାକ୍ଷାନଗର/ଭୁବନ, ୮।୨(ଡି.ଏନ୍.ଏ.)

କଳାକାର ପ୍ରଦର୍ଶନ କରୁଥିଲେ ବୀର ପାଇକଙ୍କ ଅସ୍ତ୍ରବିଦ୍ୟାର କଳାନୈପୁଣ୍ୟ। ସଂକୀର୍ତ୍ତନ ମଣ୍ଡଳୀର ନାମକୀର୍ତ୍ତନ ସୃଷ୍ଟି କରୁଥିଲା ଆଧ୍ୟାତ୍ମିକ ବାତାବରଣ। ଲଉଡ଼ିବାଡ଼ି ଖେଳ, ପାରମ୍ପରିକ ଆଦିବାସୀ ନୃତ୍ୟଗୀତର ତାଳେତାଳେ ମଶାଲ ଶୋଭାଯାତ୍ରା ଷ୍ଟାଡିୟମ୍‌ରେ ପହଞ୍ଚିବା ବେଳକୁ ପ୍ରକମ୍ପିତ ହୋଇପଡ଼ିଥିଲା ସମଗ୍ର ପରିବେଶ। ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମ୍‌ରେ ବୁଧବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ କାମାକ୍ଷାନଗର ମହୋତ୍ସବ ଉପଲକ୍ଷେ ଆୟୋଜିତ ମଶାଲ ଶୋଭାଯାତ୍ରାରେ ସହର ଦୁଲୁକି ଉଠିଥିବାବେଳେ ସନ୍ଧ୍ୟାରେ ଓଲିଉଡ୍ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ରୋମାଞ୍ଚିତ ହୋଇଉଠିଥିଲେ ଦର୍ଶକ। ଭୁବନ ବୁଦ୍ଧେଶ୍ୱର ଶୈବପୀଠରୁ ବାହାରିଥିବା ମଶାଲ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ନଗରପାଳ ଶୁଭେନ୍ଦୁ ସାହୁ ଏବଂ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ। ବିଡିଓ ଡ. କଲ୍ୟାଣ ସୌରଭ ଦାସ, ଏନ୍ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ସମସ୍ତ କାଉନ୍‌ସିଲର, ଏସ୍ଏଚ୍ଜି, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଝୁମାଇଲେ ହ୍ୟୁମାନ୍



କାମାକ୍ଷାନଗର ମହୋତ୍ସବ ଉଦ୍‌ଘାଟନୀର ସନ୍ଧ୍ୟାରେ ପ୍ରମୁଖ ଆକର୍ଷଣ ସାଜିଥିଲେ ଓଲିଉଡ୍‌ର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ସବୁଠୁ ବଡ଼ ମୋ କାଳିଆ..., ଭିଜେଇଦେଇ ଯା ଥରେ... ଭଳି ଏକାଧିକ ଗୀତରେ ସେ ଦର୍ଶକଙ୍କୁ ଝୁମାଇଥିଲେ। ସେହିପରି ଗଞ୍ଜାମର ଯୋଡ଼ି ଶଙ୍ଖ, ସରାଙ୍ଗ, ଭୁବନ କଲେଜର ପିଲାମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଆଞ୍ଚଳିକ କଳାକାରମାନେ ମଧ୍ୟ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ହାତ ଛଡ଼ା କରି ନ ଥିଲେ। ଉଦ୍‌ଘାଟନୀ ଦିବସରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଅତିଥି ଏବଂ ଦର୍ଶକଙ୍କ 'ଜୟ କାମାକ୍ଷାନଗର' ନାରାରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।

## ହାଇସ୍କୁଲସ୍ତରୀୟ କ୍ରିକେଟ୍: ଭୁବନ ଚାମ୍ପିୟନ

ଢେଙ୍କାନାଳ ଅଫିସ, ୮।୨

ହିନ୍ଦୋଳ ବ୍ଲକ ତର୍କାମେଡ଼ା-କୁମ୍ଭୁରସିଙ୍ଗା ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ହାଇସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୫ ଓଭର ବିଶିଷ୍ଟ ଫାଇନାଲ୍ ମ୍ୟାଚ୍‌ରେ କାମାକ୍ଷାନଗରକୁ ହରାଇ ଭୁବନ ଚାମ୍ପିୟନ୍ ହୋଇଛି। ଭୁବନ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଜବାବରେ କାମାକ୍ଷାନଗର ପାଳି ୧୧୫ ରନ୍‌ରେ ଅଟକି ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ସମ୍ମାନିତ ଅତିଥି ଡିଇଓ ନିବେଦିତା ପାଣି, ଏଡିଇଓ ସସ୍ମିତା ସାହୁ, ବିଇଓ ସନାତନ ମଲ୍ଲିକ, ଏବିଇଓ ସଞ୍ଜୟ ନାୟକ, ସରପଞ୍ଚ ଝିଲ୍ଲି ସେଠୀ ପ୍ରମୁଖ ଉପସ୍ଥିତ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କରନ୍‌ଜିତ ସ୍ୱାଇଁ ଏବଂ ବିଶାଳ ସାହୁ 'ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ। ଅନିଲ ନନ୍ଦ, ଅନନ୍ତ ଚରଣ ଜେନା ଅମ୍ପାୟରିଂ କରିଥିବାବେଳେ ସୁଶୀଲ ପଣ୍ଡା, ସରିତା ବିଶ୍ୱାଳ ଧାରା ବିବରଣୀ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳିମାନେ।

## ବିଦ୍ୟୁତ୍ ଏକତା ମଞ୍ଚର ବିକ୍ଷୋଭ



ବିଦ୍ୟୁତ୍ ଏକତା ମଞ୍ଚର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୮।୨

ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ବୁଧବାର ଢେଙ୍କାନାଳ ସର୍କଲ ଓ ଡିଭିଜନ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନ୍‌ପିଏସ୍ ଲାଗୁ, ଇନସ୍ୟୁରାନ୍ସରେ ଥିବା ତାରତମ୍ୟ ଦୂର କରିବା, ସମାନ କାମକୁ ସମାନ ଦରମା, ୩୯ ଇଞ୍ଜିନିୟର, ୧୩୬ ବରିଷ୍ଠ ଓ କନିଷ୍ଠ କିରାଣିଙ୍କୁ ସେସୁ କ୍ୟାଡରରେ ସ୍ଥାୟୀ ନିଯୁକ୍ତି, ୧୨ ମାସର ଇନକମ୍ ଟାକ୍ସ ହିସାବ ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆସନ୍ତା ୧୩ ତାରିଖ ସୁଦ୍ଧା ଟାଟା କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ୧୪ ତାରିଖ ଭାଲେଣ୍ଟାଇନ୍ସ ଡେ'ରେ ଟାଟାପାୱାର କର୍ତ୍ତୃପକ୍ଷଙ୍କୁ ଗୋଲାପ ଫୁଲ ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ବାସୁଦେବ ପଣ୍ଡା, ପ୍ରଶାନ୍ତ ମହାପାତ୍ର, ନୀଳମଣି ବଳ, ପ୍ରଭାତ ମଲ୍ଲ, ସତ୍ୟବାଦୀ ବାଗ, ଅକ୍ଷୟ ତ୍ରିପାଠୀ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି । ପ୍ରଭାତ ମହାନ୍ତି, ଶଶାଙ୍କ ଶେଖର ସାହୁ, ସତ୍ୟବ୍ରତ ମହାଖୁଡ, ପ୍ରଶାନ୍ତ ଦାସ, ଦୀନବନ୍ଧୁ ସାହୁ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ୧୧ରୁ ଚେସ୍ ଟୁର୍ନାମେଣ୍ଟ

ଢେଙ୍କାନାଳ ଅଫିସ, ୮।୨

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଫେବୃୟାରୀ ୧୧ରୁ ଦୁଇଦିନିଆ ଦ୍ରୁତ ଓ କ୍ଷିପ୍ର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଜିଲା ଚେସ୍ ସଂଘ ଉପସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏ ସଂକ୍ରାନ୍ତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଏଆଇସିଏଫ୍ ଦ୍ୱାରା ପଞ୍ଜୀକୃତ ଓଡ଼ିଶାର ଖେଳାଳି ଭାଗ ନେବେ। ସମସ୍ତ ପ୍ରତିଯୋଗିତା ୮ ରାଉଣ୍ଡ ବିଶିଷ୍ଟ ହେବ। ଏଥିଲାଗି ଯଥାକ୍ରମେ ୨୦୦ ଏବଂ ୧୦୦ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ଶ୍ରେଷ୍ଠ ୨ ଜଣ ପ୍ରତିଯୋଗୀ ୨୪ ଓ ୨୫ ତାରିଖରେ ଜମ୍ମୁଠାରେ ହେବାକୁ ଥିବା ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସମ୍ପାଦକ ଇଂ. ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି।


ବୈଠକରେ ଜିଲା ଚେସ୍ ସଂଘ ସଦସ୍ୟମାନେ।

## ବିମୋହିତ କଲା 'କୋଣାର୍କର ଅଙ୍ଗାବରଣ'

### କାରୁବାକି ମହୋତ୍ସବ

ଢେଙ୍କାନାଳ ଅଫିସ, ୮।୨

ଢେଙ୍କାନାଳ ଦେଉଳସାହିସ୍ଥିତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଶତରୂପା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ କାରୁବାକି ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଅନ୍ୟତମ ଅତିଥି ତଥା ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକ ଯୋଗଦେଇ ନାଟକ ସର୍ଜନାର ମୌଳିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ମାଟିର ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ଆଗାମୀ ପିଢ଼ି ପାଇଁ ମାର୍ଗଦର୍ଶନ କରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କବୟିତ୍ରୀ ସଂଯୁକ୍ତା ମିଶ୍ର, ସମ୍ମାନିତ ଅତିଥି ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ସଙ୍ଗୀତଗୁରୁ ଖାରବେଳ ପଟ୍ଟନାୟକ, ବରିଷ୍ଠ ମଞ୍ଚ ଅଭିନେତା ବିଜୟ ମିଶ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ନୃତ୍ୟଗୁରୁ ତିମିରସୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟନାଟିକା 'କୋଣାର୍କର ଅଙ୍ଗବରଣ' ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଦଳଗତ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ବାଦଲ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଜାତଶତ୍ରୁ ପଟ୍ଟନାୟକ, ବିଜିଗୁପ୍ତ ପଟ୍ଟନାୟକ, ଚନ୍ଦନ ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

## ୨୮ ଜିଆର୍‌ଏସ୍‌ଙ୍କ ଦରମା ବନ୍ଦ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଠପ୍

ପରଜଙ୍ଗ, ୮।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ବାଟହୁଡ଼ିଛି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)। ବ୍ଲକ ଅଧୀନ ୨୯ ପଞ୍ଚାୟତରେ ଗୋଟିଏ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଚାଲୁନାହିଁ। ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହା ଜଣାପଡ଼ିବା ପରେ ଜିଲାପାଳ ସରୋଜ କୁମାର ସେଠୀ ବ୍ଲକରେ କାର୍ଯ୍ୟରତ ସମସ୍ତ ୨୮ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଆର୍‌ଏସ୍‌ଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଥିବା ସମ୍ପୃକ୍ତ ପଞ୍ଚାୟତର ପିଇଓ ଅଭିଯୋଗ କରିଛନ୍ତି।

ଅନୁରୂପ ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ବିଲ୍ ହୋଇପାରୁ ନ ଥିବା ସମୀକ୍ଷା ବେଳେ ଜଣାପଡ଼ିଛି। ପରଜଙ୍ଗ ୩ନଂ. ଅଙ୍ଗନୱାଡି କେନ୍ଦ୍ରର ଛାତ ୬ ମାସ ତଳୁ ପଡ଼ି ସାରିଥିଲେ ସୁଦ୍ଧା ଏହାର ବିଲ୍ କରାଯାଉନାହିଁ। ମଙ୍ଗଳବାର ଏ ସଂକ୍ରାନ୍ତ ଫାଇଲ୍ ବିଡିଓଙ୍କ ନିକଟକୁ ଯାଇଛି। ନିର୍ଦ୍ଦିଷ୍ଟ ସମୟରେ ବିଲ୍ ହେଉ ନ ଥିବାରୁ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ କେହି ରାଜି ହେଉନାହାନ୍ତି। ପ୍ରଶାସନିକ ଦାୟିତ୍ୱହୀନତାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ବିଡିଓ ସଂଗ୍ରାମ କେଶରୀ ଭୋଳ କୁହନ୍ତି, ଆସିଥିବା ଫାଇଲ୍‌ରେ ଗୁରୁବାର ଦସ୍ତଖତ କରାଯିବ। ଅନ୍ୟ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦିଆଯିବ। ବୈଠକରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାନେତ୍ରୀ ବିଳାସିନୀ ସେଠୀ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଜିଲା ପ୍ରଶାସନର ପଦସ୍ଥ ଅଧିକାରୀଙ୍କ ସମେତ ଅନ୍ୟମାନେ।

## କାଉନସିଲରଙ୍କୁ ଆକ୍ରମଣ ଉଦ୍ୟମ

ଅନୁଗୋଳ ଅଫିସ, ୮।୨- ଅନୁଗୋଳ ପୌରପାଳିକାର ୧୯ନଂ. କାଉନସିଲର ବଳରାମ ଜେନାଙ୍କୁ ବୁଧବାର ଆକ୍ରମଣ ଉଦ୍ୟମ ହୋଇଛି। କାଉନସିଲର ତାଙ୍କ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରାଯିବା ନେଇ ପୌରପାଳିକାର କର୍ମଚାରୀଙ୍କୁ ଧରି ଯାଇଥିଲେ। ଏହି କାର୍ଯ୍ୟ ସମ୍ପର୍କରେ ଆଲୋଚନା ସମୟରେ ଜଣେ ଯୁବକ କାଉନସିଲରଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ପୌର କର୍ମଚାରୀ ଓ କାଉନସିଲର ସେଠାରୁ ଖସି ଆସିଥିଲେ। ଏ ନେଇ କାଉନସିଲର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଭାରୋତ୍ତୋଳନରେ ସିଲ୍‌ଭର, ବ୍ରୋଞ୍ଜ ସଫଳତା

ଛେଣ୍ଡିପଦା,୮।୨(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ସାମଲମଳିହା ଗ୍ରାମର ଜିତେନ୍ଦ୍ର ନାଏକ ଖୋର୍ଦ୍ଧା ଜିଲାରେ ଅନୁଷ୍ଠିତ ଭାରୋତ୍ତୋଳନ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ସିଲ୍‌ଭର ପଦକ ହାସଲ କରିଛନ୍ତି। ସେହିପରି ଛେଣ୍ଡିପଦାର ରମାକାନ୍ତ ବେହେରା ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର ଉତ୍କଳ କରାଟେ ବିଦ୍ୟାଳୟ ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ପାଇଁ ଦୁଇ ଖେଳାଳି ଛେଣ୍ଡିପଦା ଜିମ୍ ଅନୁଷ୍ଠାନର ମୁଖ୍ୟ ଶକ୍ତି ପ୍ରଧାନ ଓ ନିଜ ପରିବାରକୁ ଶ୍ରେୟ ଦେଇନ୍ତି। ଏଥିସହ ଆଗକୁ ଏପରି ଉଦ୍ୟମ ଜାରି ରଖି ବ୍ଲକର ସମ୍ମାନ ରଖିବା ପାଇଁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି।



# ଭୟ ବଢ଼ାଇଲାଣି ବନାଗ୍ନି

(ରତନ ନାୟାର)
ଢେଙ୍କାନାଳ ଅଫିସ, ୮।୨



- ଢେଙ୍କାନାଳ ବନ ବିଭାଗର ପ୍ରସ୍ତୁତି ଆରମ୍ଭ
- ୧୦୦୦ କି.ମି. ଫାୟାର ଲାଇନ ପ୍ରସ୍ତୁତ
- ରେଡ୍ ଜୋନ୍‌ରେ ୭, ୟେଲୋ ଜୋନ୍‌ରେ ୧୦ ଜଙ୍ଗଲ
- ସଚେତନ କରାଇବେ ସ୍ୱୟଂ ସହାୟକ ଗୋଷ୍ଠୀ

ଫେବୃୟାରୀ ପ୍ରଥମ ସପ୍ତାହରୁ ପାରଦ ଛୁଇଁଲାଣି ୩୩ ଡିଗ୍ରୀ। ଚଳିତବର୍ଷ ଆକାଶରୁ ଅଗ୍ନି ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ କରିଥିବା ଅନୁମାନ ଏଥିରୁ ଜଳଜଳ ହୋଇ ଦିଶିଲାଣି। ଏସବୁ ଭିତରେ ଓଡ଼ିଶାରେ ଜଙ୍ଗଲ ନିଆଁକୁ ନେଇ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ଯେତିକି ଉଦ୍‌ବେଗଜନକ ସେତିକି ଚିନ୍ତାଜନକ ମଧ୍ୟ। ପତ୍ରଝଡ଼ା ଦେଇଥିବା ଗଛର ଶୁଖିଲା ପତ୍ର ଜଙ୍ଗଲରେ ଗଦା ହୋଇ ରହିଥିବାବେଳେ ସାମାନ୍ୟ ଭୁଲ ବଡ଼ଧରଣର ବନାଗ୍ନିର ରୂପ ନେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସଂକ୍ରାନ୍ତରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ସମସ୍ତ ଜିଲାର ବନଖଣ୍ଡ ଅଧିକାରୀଙ୍କୁ ସତର୍କ କରାଇବା ପରେ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଛି ଢେଙ୍କାନାଳ ବନ ବିଭାଗ।

ସମ୍ଭାବ୍ୟ ବନାଗ୍ନିରେ ପ୍ରଭାବିତ ଜଙ୍ଗଲଗୁଡ଼ିକ ମଧ୍ୟରୁ କାମାକ୍ଷାନଗର ଉପଖଣ୍ଡର ଅନନ୍ତପୁର, ରଞ୍ଜାଗଡ଼, ହିନ୍ଦୋଳ ଉପଖଣ୍ଡର କନ୍ଧରା, ବମ୍ପା, ନନ୍ଦିନିଆ, ଢେଙ୍କାନାଳ ସଦର ବନାଞ୍ଚଳର କପିଳାସ ଅଭୟାରଣ୍ୟ ଓ ସପ୍ତଶଯ୍ୟା ସଂରକ୍ଷିତ ଜଙ୍ଗଲକୁ ରେଡ୍‌ଜୋନ୍ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ୟେଲୋ ଜୋନ୍‌ରେ ସୁନାଝରି, କୋଇ, ମଉଳାଭଞ୍ଜା, ସୁନ୍ଦରଖୋଲ, ଅଶ୍ୱଖୋଲା, ହିଁତିଣ୍ଡା, ବେଲବଣିଆ, ତାଳଚେର ସୀମାନ୍ତ ଜଙ୍ଗଲ, ଘଣ୍ଟାବାଜ, ମାଟିଆମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ରହିଛି। ଡୋଲିଆ, ରାମେଇ, ଆମ୍ବିଠି, ବାରବାଙ୍କ ଉତ୍ତର, ବାରବାଙ୍କ ଦକ୍ଷିଣ, ଜିରିଡାମାଳି, ଅଁଳାବେରେଣୀ, ସୁଳିଆ, ଭଏରପୁର, ଚାରଖୋଲା, ଖାଲପାଳ, ମଡ଼ି, ମଠରଗଡ଼ି, ତାମଣ୍ଡା, ଗଁଦିଆ, ପଟାଲୁ, ପାଟପୁରି, ରୁପାବଳିଆ, ସିଆରିମାଳିଆ, ସୁନିଆମାରୁ, ବାଲିବୋ, ବାଳିପଶି ଓ ଘଣ୍ଟାବାଇଆ ଜଙ୍ଗଲକୁ ଗ୍ରୀନ୍ ଜୋନ୍ ଅନ୍ତର୍ଭୁକ୍ତ କରାଯାଇଛି।

ବନାଗ୍ନି ପ୍ରକୋପ ହ୍ରାସ କରିବା ଲାଗି ୧୦୦୦ କିଲୋମିଟର ଫାୟାର ଲାଇନ ପ୍ରସ୍ତୁତ କରାଯାଇଛି। ୧୦ ଫୁଟ ଓସାର ବିଶିଷ୍ଟ ଏହି ଫାୟାର ଲାଇନ୍‌କୁ ସର୍ବଦା ସଫା ରଖାଯିବ। ଫଳରେ ନିଆଁ ଲାଗିଲେ ତାହା ସହଜରେ ଅନ୍ୟତ୍ର ବ୍ୟାପିବ ନାହିଁ। ଚଳିତବର୍ଷ ନୂତନ ପଦକ୍ଷେପ ସ୍ୱରୂପ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ କରାଯିବ। ସେମାନେ ବନାଗ୍ନି ପ୍ରଭାବିତ ଗ୍ରାମବାସୀଙ୍କୁ ସଚେତନ କରାଇବେ। ଏଥିଲାଗି ୩୦୦ ଗ୍ରାମ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟ ପାଇଁ ପ୍ରତି ଏସ୍‌ଏଚ୍‌ଜିକୁ ୨୫୦୦ ଟଙ୍କା ପ୍ରଦାନ କରାଯିବ। ଢେଙ୍କାନାଳ ସହରକୁ ଲାଗିଥିବା ପାଣି ଓହଳା ପାହାଡ଼ ଓ ଚାରଖୋଲା ଜଙ୍ଗଲ ପ୍ରତିବର୍ଷ ବନାଗ୍ନି ଦ୍ୱାରା ପ୍ରଭାବିତ ହେଉଛି। ଏହାର ପ୍ରତିକାର ଲାଗି ପାଣିଓହଳା ପାହାଡ଼ ଶୀର୍ଷରେ ବନ ବିଭାଗ ପକ୍ଷରୁ ଲୁହାରେ ଏକ ୱାଚ୍ ଟାୱାର ନିର୍ମାଣ କରାଯାଇଛି। ଏହା ଉପରୁ ଚାରଖୋଲା, ପାଣିଓହଳା, ସପ୍ତଶଯ୍ୟା, ମେଘା ଜଙ୍ଗଲ ଉପରେ ନଜର ରଖାଯାଇପାରିବ। ୱାଚ୍ ଟାୱାର ଉପରୁ ଡ୍ରୋନ୍ କ୍ୟାମେରା ସହାୟତାରେ ବନାଗ୍ନି ସ୍ଥିତି ସମ୍ପର୍କରେ ସହଜରେ ଜାଣିହେବ। ସେହିପରି କଟକ ଜିଲା ନରସିଂହପୁର, ବଡ଼ମ୍ବା, ଆଠଗଡ଼, ଯାଜପୁର ସୀମାନ୍ତ, କେନ୍ଦୁଝର-ଅନୁଗୋଳ ସୀମାରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏହାକୁ ବାଦ୍‌ଦେଲେ ଜିଲାର ୧୦୬ ବିଟ୍ ହାଉସକୁ ଫାୟାର ବ୍ଲୋୟାର ପ୍ରଦାନ କରାଯାଇଛି। ୫ଟି ଡ୍ରୋନ୍ କ୍ୟାମେରା, ୮ଟି ରେଞ୍ଜରେ ୮ ସ୍କ୍ୱାଡ୍, ଗାଡ଼ି ପ୍ରସ୍ତୁତ ରଖାଯାଇଛି। ପଞ୍ଚାୟତ ପ୍ରତିନିଧିମାନଙ୍କୁ ମଧ୍ୟ ଏଥିରେ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

### ଜୈବ ବିବିଧତା ପ୍ରତି ବିପଦ

ଜୈବ ବିବିଧତାରେ ଭରପୂର ଢେଙ୍କାନାଳ ଜିଲା ପାଇଁ ବିପଦ ସାଜିଛି ବନାଗ୍ନି। ୨୦୨୧ରେ ଜଙ୍ଗଲ ନିଆଁରେ ଜିଲାର ୫୩୬ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିଲା। ତେବେ ୨୦୨୨ରେ ଆବଶ୍ୟକ ପଦକ୍ଷେପ ଯୋଗୁ ବିପଦ ସାମାନ୍ୟ ହ୍ରାସ ପାଇଥିଲା। ତଥାପି ଗତବର୍ଷ ୨୦୬ ହେକ୍ଟର ଜଙ୍ଗଲ ବନାଗ୍ନି କବଳକୁ ଚାଲିଯାଇଥିଲା। ୨୦୨୨ରେ କନ୍ଧରା, ବମ୍ପା, ସପ୍ତଶଯ୍ୟାରେ ବନାଗ୍ନିକୁ ନିୟନ୍ତ୍ରଣ କରାଯାଇପାରିଛି। ହେଲେ ଅନ୍ୟ ସଂରକ୍ଷିତ ଜଙ୍ଗଲ ଉପରୁ ବିପଦ ଟଳିନାହିଁ। ସେହିପରି ଚଳିତବର୍ଷ ରାଜ୍ୟ ସରକାର ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବାକୁ ୧୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି, ଯାହା ୨୦୨୧ ତୁଳନାରେ ୫୫ ଲକ୍ଷ ଟଙ୍କା ଅଧିକ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କୃଷକମାନଙ୍କୁ ଉପଯୁକ୍ତ ତାଲିମ ଉପରେ ଗୁରୁତ୍ୱ

### ଅନୁଗୋଳରେ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୮।୨

ଅନୁଗୋଳ ସଭାଘର ଠାରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପାଣି ପଞ୍ଚାୟତ ପକ୍ଷ ପାଳନ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ, ପଶୁପାଳନ, ମୃତ୍ତିକା ସଂରକ୍ଷଣ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ପ୍ରସ୍ତୁତ ଷ୍ଟଲଗୁଡ଼ିକ ପରିଦର୍ଶନ କରିବା ସହ ଡେରଜାଙ୍ଗ, ଆଉଁଳି ଓ ସମଲ ଅଞ୍ଚଳରେ କୃଷି କାର୍ଯ୍ୟରେ ନିୟୋଜିତ କୃଷକମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ କୃଷକ ହିଁ ଏ ଦେଶର ମେରୁଦଣ୍ଡ ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରବୀଣ କୁମାର ସ୍ୱାଇଁ ଖରିଫ ଓ ରବି ଋତୁରେ ଧାନ, ପନିପରିବା ବ୍ୟତୀତ ତୈଳବୀଜ, ଡାଲିଜାତୀୟ ଫସଲରୁ କିପରି ଅଧିକ ଅମଳ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ନିରଦ ଦାସ ପ୍ରାଣୀଧନ ସମ୍ପଦର ସୁରକ୍ଷା ହୋଇପାରିଲେ କୃଷକର ମେରୁଦଣ୍ଡ ମଜଭୁତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବାଶିଷ ମିଶ୍ର, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଅନୁଗୋଳ ଜଳସେଚନ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଗୋଳ ଜଳସେଚନ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# କୂଅରେ ପଡ଼ି ଶିଶୁପୁତ୍ର ମୃତ

ମାଧପୁର,୮।୨

ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ପାତ୍ରପଡା ଗ୍ରାମର ଏକ ଖୋଲା କୂଅରେ ଖସିପଡ଼ି ମାନସ ନାଏକଙ୍କ ବର୍ଷର ଶିଶୁପୁତ୍ର ହାପି ନାଏକଙ୍କ ମୃତ୍ୟୁ ହୋଇଛି। ହାପି ବାଡ଼ିରେ ଖେଳୁଥିବା ସମୟରେ ଖୋଲା କୂଅରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ନ ମିଳିବାରୁ ବାଇକ୍ ଯୋଗେ ଚିକିତ୍ସାଳୟକୁ ନେଇଯାଇଥିଲେ ହେଁ ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ଏ ନେଇ କିଆକଟା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବିଳମ୍ବ ସହ ନିମ୍ନମାନର କାମ

### ଜିଲାପାଳଙ୍କଠାରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୮।୨(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇମୁରାଠାରୁ ସୋମନାଥପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଅତିନିମ୍ନମାନର ବୋଲି ସୋମନାଥପୁର ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ମଇମୁରାଠାରୁ ସୋମନାଥପୁର ପର୍ଯ୍ୟନ୍ତ ଏହି ୭ କି.ମି. ରାସ୍ତାକୁ ପିଚୁ କରିବା ପାଇଁ ୨୦୨୦ରେ ସରକାରୀ ଅନୁମୋଦନ ମିଳିଥିଲା। ଏହାପରେ ୫ କୋଟି ଟଙ୍କା ବ୍ୟୟରେ ୧୯ ଫେବୃୟାରୀ ୨୦୨୧ରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ୧୮ ଫେବୃୟାରୀ ୨୦୨୨ ଶେଷ କରାଯିବା ବୋଲି ସମୟ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଇତିମଧ୍ୟରେ ରାସ୍ତା କାର୍ଯ୍ୟ ୪୦ ପ୍ରତିଶତ ସରିନାହିଁ। ନିର୍ଦ୍ଧାରିତ ସମୟ ସୀମାର ଏକବର୍ଷ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ରାସ୍ତା କାମ ସରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ରାସ୍ତା କାମ ଅତି ନିମ୍ନମାନର ହେଉଥିବାବେଳେ ବିଭାଗୀୟ ଅଧିକାରୀ ଠିକ୍ ଭାବେ ତଦାରଖ କରୁନାହାନ୍ତି। ଅନ୍ୟପଟେ ଠିକାସଂସ୍ଥା ପକ୍ଷରୁ ଉକ୍ତ ରାସ୍ତା ଏବେ ମେଣ୍ଟାଲିଂ ହେଉଥିବାବେଳେ ଉନ୍ନତମାନର ମେଣ୍ଟାଲ ପକାଯାଉ ନାହିଁ। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଏସ୍‌ଡିଓ ମଧୁସ୍ମିତା ଦଳେଇ କହିଛନ୍ତି, ରାସ୍ତା କାର୍ଯ୍ୟ କିଭଳି ଶୀଘ୍ର ସରିବ ସେ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ପିଚୁ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।



# ‘ପବିତ୍ରମୋହନଙ୍କୁ ଆଦର୍ଶ କର’

କଣିହାଁ,୮।୨(ଡି.ଏନ.ଏ.)

ପବିତ୍ରମୋହନ ସରକାରୀ ଉଚ୍ଚବିଦ୍ୟାଳୟ କଣିହାଁଠାରେ ବୁଧବାର ବାର୍ଷିକ ଉତ୍ସବ ସହ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣିହାଁ କ୍ଷେତ୍ର ମହାପ୍ରବନ୍ଧକ କିଶୋର କୁମାର ରାଉଳ, ମୁଖ୍ୟବକ୍ତା ଭାବେ ଆଇଏନ୍‌ଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ସୌଭାଗ୍ୟଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକିଶୋର ସାହୁ, ଜଳଧର ସାହୁ, ଆଲୁମିନ ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଯୋଗଦେଇ ପବିତ୍ରମୋହନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଦାଶରଥି ଜେନା ସଭାପତିତ୍ୱ କରିଥିଲେ। ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ପ୍ରଶାନ୍ତ ବେହେରା, ଦିଲୀପ ପ୍ରଧାନ, ଗୋଦାବରୀ ଗଡ଼ନାୟକ, ଚୌଧୁରୀ ସୁନା, ଦେବାଶିଷ ହୋତା, ଇନ୍ଦ୍ରଜିତ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର ‘ପବିତ୍ର ଲିପି’ ଓ ପବିତ୍ର ମୋହନଙ୍କ ଜୀବନୀ ଆଧାରିତ,‘ପବିତ୍ର କଳ୍ପବୃକ୍ଷ’ ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ଦିବଂଗତ ଶିକ୍ଷକ ଚିନ୍ତାମଣି ପ୍ରଧାନଙ୍କ ସ୍ମୃତିରେ ତାଙ୍କ ପରିବାର ପକ୍ଷରୁ ଯୋଗାଇ ଦେଇଥିବା ଅର୍ଥକୁ କଣିହାଁ, ଜରଡ଼ା, ବିଜିଗୋଲ ଓ ହନୁମାନପୁର ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।



# ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା



କଣିହାଁ,୮।୨(ଡି.ଏନ.ଏ.)

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମରେ ମା’ କନକେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ତିନିଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଚାଲିବ। ପ୍ରଥମ ଦିନରେ କଳସଯାତ୍ରା ସହିତ ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଉତ୍ସବରେ ସ୍ଥାନୀୟ ଲୋକ ପ୍ରତିନିଧି, ଏମ୍‌ପି, ବିଧାୟକ, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଶରଧାପୁର ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ ଦୁଃଖବନ୍ଧୁ ବେହେରା, ଗ୍ରାମ ସଭାପତି ରବିଚନ୍ଦ୍ର ମହାନ୍ତି, ମନ୍ଦିର କମିଟି ସଦସ୍ୟ ପ୍ରମୁଖ ସହଯୋଗ କରୁଛନ୍ତି।

# ନାଲ୍‌କୋରେ ଫୁଲ,ଫଳ ପ୍ରଦର୍ଶନୀ

ବଣ୍ଟଁରପାଳ,୮।୨(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଉଦ୍ୟାନ ବିଭାଗ ଆନୁକୂଲ୍ୟରେ ନାଲ୍‌କୋ ଷ୍ଟାଡିୟମଠାରେ ବୁଧବାର ଫୁଲ ଓ ଫଳ ପ୍ରଦର୍ଶନୀ ସହ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ନାଲ୍‌କୋ ଇଡି ଭୀମସେନ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ମେଲଟର ମହାପ୍ରବନ୍ଧକ ଏସ.ଏମ. ଅଲୀ, ସିପିପି ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ, ଜିଜିଏମ୍ ମଣିରଞ୍ଜନ ସାମଲ, ଡିଜିଏମ୍ ଶୁଭେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଜିଏମ୍ ୟୁ.କେ. ମହାରଣା, ମ୍ୟାନେଜର ପି.କେ. ମଲ୍ଲିକ, ଶ୍ରମିକ ନେତା ମନୋଜ ସ୍ୱାଇଁ, ସ୍ୱରୂପ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା।



ଫୁଲ ପ୍ରଦର୍ଶନୀ ଅବସରରେ ଉପସ୍ଥିତ ଅଧିକାରୀମାନେ।

# ଜିଲାରେ ୧୬,୧୧୫ ମାଟ୍ରିକ୍ ପରୀକ୍ଷାର୍ଥୀ

ଢେଙ୍କାନାଳ ଅଫିସ, ୮।୨

ଆସନ୍ତା ମାର୍ଚ୍ଚ ୧୦ରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଚଳିତବର୍ଷ ଢେଙ୍କାନାଳ ଜିଲାରେ ୧୬,୧୧୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିରୁ ୧୫,୯୯୫ ରେଗୁଲାର ଏବଂ ୧୨୦ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ସେମାନଙ୍କ ପାଇଁ ମୋଟ ୯୬ ପରୀକ୍ଷା କେନ୍ଦ୍ର କରାଯାଇଛି। ଭୁବନ ବ୍ଲକରେ ୧୧, ଢେଙ୍କାନାଳରେ ୧୬, ଗଁଦିଆରେ ୧୨, ହିନ୍ଦୋଳରେ ୧୩, କାମାକ୍ଷାନଗରରେ ୧୨, କଙ୍କଡ଼ାହାଡ଼ରେ ୮, ଓଡାପଡାରେ ୧୩, ପରଜଙ୍ଗ ବ୍ଲକରେ ୧୧ ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି ପ୍ରଶ୍ନ ଓ ଉତ୍ତର ପତ୍ର ରଖିବା ଲାଗି ୧୦ ନୋଡାଲ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଢେଙ୍କାନାଳ, କଙ୍କଡ଼ାହାଡ଼ରେ ୨ଟି ଲେଖାଏ ଏବଂ ଭୁବନ, ଗଁଦିଆ, ହିନ୍ଦୋଳ, କାମାକ୍ଷାନଗର, ଓଡ଼ାପଡ଼ା, ପରଜଙ୍ଗ ବ୍ଲକରେ ଗୋଟିଏ ଲେଖାଏ ନୋଡାଲ ସେଣ୍ଟର ରହିବ। ଏହାକୁ ବାଦ୍‌ଦେଲେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୧୦୪, ମଧ୍ୟମା ପରୀକ୍ଷାରେ ୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲାରେ ସର୍ବୋମୋଟ୍ ୧୬,୨୨୯ ପରୀକ୍ଷାର୍ଥୀ ରହିଥିବା ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

# ମହିମା ଧର୍ମର ଗରିମା ବର୍ଣ୍ଣନା



ମହିମା ମହୋତ୍ସବର ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

### ମହିମା ମହୋତ୍ସବ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୮।୨

ଅନୁଗୋଳ ଜିଲା ଅଙ୍ଗାରବନ୍ଧରେ ଗତ ୩ ତାରିଖରୁ ଚାଲିଥିବା ମହିମା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ମହିମା ଧର୍ମର ଗରିମା ବର୍ଣ୍ଣନା କରିଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ, ବଣ୍ଟଁରପାଳ ବ୍ଲକ ଅଧ୍ୟକ୍ଷ ବିନୟ କୁମାର ନାଥ, ମୁଖ୍ୟବକ୍ତା ଭାବେ ମହେଶ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗୋପାଳ ନାଥ ପ୍ରମୁଖ ଯୋଗଦେଇଥିଲେ। ମହିମା ମହୋତ୍ସବ ସାଂସ୍କୃତିକ ସମ୍ପାଦକ ଡ. ଉପେନ୍ଦ୍ର ଶର୍ମାଙ୍କ ପ୍ରଚେଷ୍ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହୁ, ଖବରଦାତା ତପନ ଦାସ, ପତିତପାବନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ମହିମା କମିଟି କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା ଓ ପୀଠ ସହ ଜଡ଼ିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,୮।୨(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୧୨୭ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ଫୁଲଝରି ଗ୍ରାମରେ ଚଢ଼ାଉ କରାଯାଇ ଧର୍ମୁ କିଷାନଙ୍କ ଘରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ବ୍ରାହ୍ମଣୀପାଲି ଗ୍ରାମରେ ଚଢ଼ାଉ କରାଯାଇ ସବିତା ପେଣ୍ଟେଇଙ୍କ ଘରୁ ୩୫ ଲିଟର, ଅଙ୍ଗପଡା ଗ୍ରାମର ସର୍ବେଶ୍ୱର ବେହେରାଙ୍କ ଘରୁ ୫୦ ଲିଟର, କୁସୁଣୀ ଗ୍ରାମର ଅଖୁ ବେହେରାଙ୍କ ଘରୁ ୨୦ ଲିଟର ଚୋରା ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ ଟିମ୍ ଚଢ଼ାଉ କରିଥିଲେ।

# ରହୁନି ଇଣ୍ଟରସିଟି, ୨୩ରେ ଆନ୍ଦୋଳନ

ବଇଣ୍ଡା,୮।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ରହୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ କିଶୋରନଗର ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୨୩ରେ ବାମୁର ରେଳ ଷ୍ଟେଶନଠାରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ବୁଧବାର ଜଏରାଟ ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରମଣୀ ରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ବାବାଜୀଚରଣ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସାହୁ, ଲକ୍ଷ୍ମଣ ବେହେରା, ରବିନାରାୟଣ ବାରିକ, ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି, କରୋନା ସମୟରୁ ଏହି ଷ୍ଟେଶନରୁ ଇଣ୍ଟରସିଟି ରହଣି ବ୍ୟବସ୍ଥା ଉଠାଇ ଦିଆଯାଇଥିଲା। ହେଲେ କରୋନା କଟକଣା ସରିଯାଇଥିଲେ ମଧ୍ୟ ଟ୍ରେନ ରହୁନାହିଁ। ଏହି ଷ୍ଟେଶନ ଉପରେ ବ୍ଲକର ୧୨ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। କିନ୍ତୁ ରେଳବିଭାଗ ଦୃଷ୍ଟି ଦେଉନାହିଁ। ତୁରନ୍ତ ଏହି ଟ୍ରେନ୍ ବାମୁରଠାରେ ନ ରହିଲେ ଜୋର୍‌ଦାର ଆନ୍ଦୋଳନ ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।



ବୈଠକରେ ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଟ୍ରାକ୍ଟର, ହାଇୱା ଜବତ

**ଛେଣ୍ଡିପଦା,୮।୨(ସ୍ୱ.ପ୍ର.):** ଛେଣ୍ଡିପଦା ତହସିଲ ଦେଇ ବେଆଇନ ବାଲି ଓ ଇଟା ଚାଲାଣ ହେଉଥିବା ବେଳେ ଶୁକ୍ରବାର ରାଜସ୍ୱ ବିଭାଗ ଓ ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଟ୍ରାକ୍ଟର ଓ ଏକ ହାଇୱାକୁ ଜବତ କରାଯାଇଛି। ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାରୁ ଏକ ଇଟା ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ସେହିପରି ବେଆଇନ ବାଲି ବୋଝେଇ ଏକ ହାଇୱା ଓ ବାଗଡିଆ ରାଜସ୍ୱ ନିରୀକ୍ଷକ ଯଜ୍ଞେଶ୍ୱର ସାହୁ ଆଉଁଳି ନଦୀ ପଠାରେ ଚଢ଼ାଉ କରି ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ।

### ରେଳଧାରଣାରେ ଆତ୍ମହତ୍ୟା

**ବଇଣ୍ଡା,୮।୨(ଡି.ଏନ୍.ଏ.):** ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ବଇଣ୍ଡା ଲେଭଲ କ୍ରସିଂ ନିକଟରୁ ବୁଧବାର ରେଳବାଇ ଫାଣ୍ଡି ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ଜଣାପଡି ନାହିଁ। ବୃଦ୍ଧଙ୍କ ବୟସ ୬୫ ବର୍ଷ ହେବ ବୋଲି ରେଲୱେ ପୋଲିସ ଆକଳନ କରିଛି। କୌଣସି କାରଣରୁ ଅପରାହ୍ନରେ ସମ୍ପୃକ୍ତ ବୃଦ୍ଧ ମାଲବାହୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡିଛି।

# ସହରବାସୀଙ୍କୁ ଅଥୟ କଲାଣି ମଶା

**ଅନୁଗୋଳ ଅଫିସ, ୮।୨**

ଅନୁଗୋଳ ପୌରାଞ୍ଚଳରେ ମଶା ବଂଶ ବୃଦ୍ଧି ଚିନ୍ତାର କାରଣ ହୋଇଛି। ପରିମଳ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିବାରୁ ମଶା ସହରବାସୀଙ୍କୁ ଅଥୟ କରିଦେଲେଣି। ଏ ନେଇ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ତଥା ପୂର୍ବତନ କାଉନସିଲର ବଲ୍‌ବୀର ସିଂଙ୍କ ନେତୃତ୍ୱରେ ନଗରପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି।

ଏଥିରେ କଂଗ୍ରେସ ପକ୍ଷରୁ କୁହାଯାଇଛି, ସହରରେ ଥିବା ନାଳ ନର୍ଦ୍ଦମାକୁ ଠିକ୍ ଭାବେ ସଫେଇ କରାଯାଉ ନାହିଁ। ଏପରି କି ସେଥିରେ ମଶା ତେଲ ସିଞ୍ଚନ କରାଯାଉ ନାହିଁ। ପୌରପାଳିକାର ସମସ୍ତ ୱାର୍ଡରେ ନିୟମିତ ଭାବେ ମଶା ଧୂଆଁ ଗାଡି ବୁଲାଯାଉ ନାହିଁ। ସହରର



କଂଗ୍ରେସ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନେକ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇଥିଲେ ବି ତାହାକୁ ବିଳମ୍ବରେ ସଫା କରାଯାଉଛି। ତେଣୁ ଆଗାମୀ ଦିନରେ ସହରରେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ରହିଛି। ଏହିସବୁ ସମସ୍ୟାର ଯଥାଶୀଘ୍ର ସମାଧାନ କରି ମଶାର ନିରାକରଣ କରା ନ ଗଲେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ

### ନଗରପାଳଙ୍କୁ କଂଗ୍ରେସର ଦାବିପତ୍ର

କରିବ। ଏହି ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି ପ୍ରବୋଧ ସ୍ୱାଇଁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ମିଶ୍ର, ନଗର ମହିଳା କଂଗ୍ରେସ ସଭାନେତ୍ରୀ କାଶିଦା ଖାନ୍, ଯୁବନେତା ଭଗବାନ ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ଜିଲା ଯୁବ କଂଗ୍ରେସ ଉପସଭାପତି ଅଭିଷେକ ନାଏକ ଓ ସଂଗ୍ରାମ ବେହେରା ଏବଂ ଛାତ୍ରନେତା ଦୀନେଶ ସାହୁ, ଅମିର ଖାନ୍, ଅଶୋକ କୁମାର ନାୟକଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ପାଠଶାଳା ଦେବ ନବମାଳତୀ ମେଧା ସମ୍ମାନ

**ଅନୁଗୋଳ ଅଫିସ, ୮।୨**

ଅନୁଗୋଳର ସାମାଜିକ ଅନୁଷ୍ଠାନ ପାଠଶାଳା ପକ୍ଷରୁ ଚଳିତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ (ଉଭୟ ଓଡ଼ିଆ ଏବଂ ଇଂଲିଶ ମାଧ୍ୟମ) ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କୁ ନବମାଳତୀ ମେଧା ସମ୍ମାନ ପ୍ରଦାନ କରାଯିବ। ଓଡ଼ିଆ ଭାଷାରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ ଭାଷା ସମ୍ମାନ ଏବଂ ଦଶମ ଓ ଦ୍ୱାଦଶଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ଶ୍ରେଷ୍ଠ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନ ପକ୍ଷରୁ ଅନୁଗୋଳଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଏହାସହ ଶିକ୍ଷା ଅନଗ୍ରସର ଅଞ୍ଚଳରେ ନିଃଶୁଳ୍କ ଶିକ୍ଷାଦାନର ବ୍ୟବସ୍ଥା, ଆର୍ଥିକ ସ୍ତରରେ ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ସଭାପତି ନିରୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଭବାନୀ ଶଙ୍କର ସାହୁ, ନୀତୀଶ ବେହେରା, ଦିବ୍ୟଜ୍ୟୋତି ନାୟକ, ଶୁଭଙ୍କର ସାହୁ, ଲିଙ୍ଗରାଜ ମୁଦୁଲି ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ୩ ନୂତନ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ର ଶୁଭାରମ୍ଭ

**ବଅଁରପାଳ, ୮।୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ପକ୍ଷରୁ ଏହାର ଆଖପାଖ ଗ୍ରାମର ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସ (ଏସ୍ଆଣ୍ଡପି)ରେ କମ୍ପାନୀ ୪ଟି ବ୍ଲକ ବଅଁରପାଳ, ତାଳଚେର, ଅନୁଗୋଳ ଓ ଛେଣ୍ଡିପଦାର ୪୪ଟି ଗାଁର ୬୬ଟି ସ୍ଥାନକୁ ନେଇ ୩ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପରିଚାଳନା କରୁଛି। ଏହି ପ୍ରୟାସରେ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା ସହିତ ଡୋର-ଷ୍ଟେପ୍ ଫ୍ରି-ମେଡିକାଲ ସେବା ଯୋଗାଇବା ପାଇଁ ବ୍ୟବହୃତ ୩ଟି ନୂତନ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଗାଡ଼ିକୁ ବୁଧବାର ଏସ୍ଆଣ୍ଡପି କମ୍ପ୍ଲେକ୍ସରେ ସାମିଲ କରାଯାଇଛି। ଅଗଷ୍ଟ ମାସରେ ଇଡି (ଏସ୍ଆଣ୍ଡପି) ଭୀମସେନ ପ୍ରଧାନ, ଜିଏମ୍ (ଆଇଇ) ଏସ୍.ଏ. ବସୁ, ଡିଜିଏମ୍ (ଏଚ୍ଆରଡି) ସିଏସ୍ଆର୍ ଆର୍. ମିଶ୍ର, ହେଲ୍ପେଜ ଇଣ୍ଡିଆର ରାଜ୍ୟ ମୁଖ୍ୟ ବି. ଚକ୍ର ଏବଂ ପ୍ରଶାସନ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଏହି ଗାଡ଼ିଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ପ୍ରତି ୟୁନିଟ୍‌ରେ ଜଣେ ଡାକ୍ତର, ଫାର୍ମାସିଷ୍ଟ, ସାମାଜିକ ସୁରକ୍ଷା ଅଧିକାରୀ, ଗ୍ରାମ୍ୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ ଏବଂ ଜଣେ ଡ୍ରାଇଭର-କମ୍-ରେଜିଷ୍ଟ୍ରେଶନ ସହାୟକ ରହିଛନ୍ତି।



ଅଧିକାରୀମନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ୪୦ ମେଧାବୀଙ୍କୁ ଓପି ଜିନ୍ଦଲ ମେଧାବୃତ୍ତି

**ଅନୁଗୋଳ ଅଫିସ, ୮।୨**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଅନୁଗୋଳ ଜିଲାର ୪୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତି ପ୍ରଦାନ କରାଯାଇଛି। ଜେଏସ୍‌ପି ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଓ ଜେଏସ୍‌ପି ସିଏସ୍ଆର୍ ଫାଉଣ୍ଡେଶନର ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥି ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ବଡ଼ ହେବାକୁ ସ୍ୱପ୍ନ ଦେଖିବା ସହ ତାହାକୁ କିପରି ସାକାର କରିହେବ ତାହା ବୁଝାଇଥିଲେ। ଏଥିସହ ଜେଏସ୍‌ପି ଏବଂ ଜେଏସ୍‌ପି ଫାଉଣ୍ଡେଶନକୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ଜେଏସ୍‌ପି ନିର୍ଦ୍ଦେଶକ ମିତ୍ତଲ କିଭଳି ଇଞ୍ଜିନିୟର ହେବାକୁ ସ୍ୱପ୍ନ ଦେଖି ସଂଘର୍ଷ କରି ସଫଳ ହୋଇଥିଲେ ତାହା ବର୍ଣ୍ଣନା କରିବା ସହ ଜେଏସ୍‌ପି ଅଧକ୍ଷ ନବୀନ ଜିନ୍ଦଲ ଓ ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରେରଣା ସମ୍ପର୍କରେ ପ୍ରକାଶ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସାହୁ ପିଲାମାନଙ୍କୁ ଅଧ୍ୟୟନଶୀଳ ଓ ନିଷ୍ଠାର ସହ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଜିଲାର ୧୩ ଜଣଙ୍କୁ ଓପି ଜିନ୍ଦଲ ଜୁଏଲ ଓ ୨୭ଜଣଙ୍କୁ ଓପି ଜିନ୍ଦଲ ଷ୍ଟାର ସ୍କଲାରଶିପ ପ୍ରଦାନ କରାଯାଇଥିଲା।




ଅତିଥି ଓ ଜେଏସ୍‌ପି ଅଧିକାରୀଙ୍କ ସହ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

# ସାତକୋଶିଆ ମଣ୍ଡଳ ଭାଜପା କାର୍ଯ୍ୟକାରିଣୀ

**ଅନୁଗୋଳ ଅଫିସ, ୮।୨**

ଅନୁଗୋଳ ଜିଲା ସାତକୋଶିଆ ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ଟିକରପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅନନ୍ତ ବାସୁଦେବ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ଓ ସଞ୍ଜୀବ କୁମାର ସାହୁ ଯୋଗଦେଇ କେନ୍ଦ୍ରୀୟ ଯୋଜନାରେ ମିଳୁଥିବା ଅର୍ଥକୁ ଓଡ଼ିଶା ସରକାର ବାଟମାରଣା କରୁଥିବା ଅଭିଯୋଗ କରିଥିଲେ। ଏଥିସହ ସାତକୋଶିଆ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପାଇଁ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବା, ମୋବାଇଲ ନେଟୱର୍କ ସଂଯୋଗ, ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଚ୍ଛିନ୍ନ ଆଦି ସମସ୍ୟାର ସମାଧାନ ଦାବି କରାଯାଇଥିଲା। ଏହି ଅବସରରେ ପୂର୍ବତନ ସରପଞ୍ଚ ବେଦବ୍ୟାସ ପ୍ରଧାନ, ବିଜୟ ବେହେରା, ସପନା ଅଦାବର ଭାଜପାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ବିଶ୍ୱଜିତ ମିଶ୍ର, ପର୍ଯ୍ୟବେକ୍ଷକ ସ୍ୱୟଂମ୍ବର ପ୍ରଧାନ, ରାଧାକାନ୍ତ ପଲେଇ, ବବିତା ମିଶ୍ର, ଶରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ ଓ କର୍ମୀମାନେ।

# ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବୁଦ୍ଧିଜୀବୀମାନେ।

**ଆଠମଲ୍ଲିକ, ୮।୨ (ଡି.ଏନ.ଏ.)**

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରସ୍ଥ ସଭାଗୃହରେ ମଙ୍ଗଳବାର ଜାତୀୟ ଶିକ୍ଷାନୀତି-୨୦୨୦ ଓ ଭାରତୀୟ ଜ୍ଞାନ ପରମ୍ପରା ଉପରେ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଗିରୀଶ ଚନ୍ଦ୍ର ବଡ଼ମାଳୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦ୍ୱତ ପରିଷଦ ଆଲୋଚନାଚକ୍ରରେ ପରିଷଦର ଓଡ଼ିଶା ପ୍ରାନ୍ତ ସଂଯୋଜକ ଅଶ୍ୱିନୀ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ରେ ଆଗାମୀ ପିଢ଼ି ସ୍ୱାବଲମ୍ବୀ ହେବା ସହିତ ପ୍ରତ୍ୟେକ ନାଗରିକଙ୍କ ମନରେ ଜାତୀୟତା ଭାବ ଉଦ୍ରେକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମନ୍ଦିରର ଜିଲା ବିଦ୍ୟାଳୟ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଶିଶୁ ମନ୍ଦିର ପ୍ରତିଷ୍ଠାତା ସଭ୍ୟ ସୁଧୀର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନୂତନ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗଦେଇଥିଲେ। ପ୍ରଥମରେ ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# 'ଜଙ୍ଗଲ ରକ୍ଷା ସଭିଙ୍କ ଦାୟିତ୍ୱ'

**ମାଧପୁର,୮।୨**

ଆଠମଲ୍ଲିକ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳ ସଭାଗୃହଠାରେ ବୁଧବାର ବନାଗ୍ନି ପ୍ରଶମନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଉଦୟନାଥ ବେହେରାଙ୍କ ସମେତ ବନପାଳ, ବନରକ୍ଷୀ, ଚେକର ଓ ବିଭିନ୍ନ ଅଞ୍ଚଳରୁ ଗ୍ରାମ ଓ ବନସୁରକ୍ଷା ସମିତି ସଦସ୍ୟ ଯୋଗ ଦେଇଥିଲେ। କ୍ଷେତ୍ର ସଂଯୋଜକ ଦେବାନନ୍ଦ ନାୟକ ସଂଯୋଜନା କରିଥିଲେ। ଜଗନ୍ନାଥଙ୍କଠାରେ ଦୀପ ପ୍ରଜ୍ୱଳନ ପରେ ବନାଞ୍ଚଳ ଅଧିକାରୀ ଭୋଇ ସ୍ଥାନୀୟ କେନ୍ଦୁପତ୍ର ରେଞ୍ଜ ଅଫିସର ବେହେରା ଏବଂ ଅନ୍ୟତମ ବନ ସଂଯୋଜକ ଅମରେଶ ପ୍ରସାଦ ଦାସ ଜଙ୍ଗଲକୁ ନିଆଁ ଦାଉରୁ କିଭଳି ଭାବେ ରକ୍ଷା କରାଯାଇପାରିବ ସେ ବିଷୟରେ ମତ ଦେଇଥିଲେ। ଏହାବ୍ୟତୀତ ବୃକ୍ଷ ମାନବ ସମାଜ ପାଇଁ ଅତି ଜରୁରୀ ହୋଇଥିବାରୁ ଏହାକୁ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। କିଆକଟା ବନପାଳ ଦୀପ୍ତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଭିନ୍ନ ବନ ସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।




# ଦେୱାନୀ କନିଷ୍ଠ ଅଦାଲତର ପ୍ରତିଷ୍ଠା ଦିବସ

**ବଅଁରପାଳ, ୮।୨ (ଡି.ଏନ.ଏ.)**

ବଅଁରପାଳ ବ୍ଲକସ୍ଥିତ ଦେୱାନୀ କନିଷ୍ଠ ବିଭାଗ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। କୋର୍ଟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟ ମଧ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଶ୍ରୀଷ୍ଟି ସାମନ୍ତ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓକିଲ ସଂଘ ସଭାପତି ବିଧୁ ଭୂଷଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଓକିଲ ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଧ୍ରୁବ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଓକିଲ ଭାସ୍କର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ଏଥିରେ କୋର୍ଟ ଏପିପି ଦୁଷ୍ମନ୍ତ ସେନାପତି, ଏପିପି କାଳୀ ଚରଣ କର, କ୍ୟାଡର ପିପି ଅଭିଳାଷ ମଲ୍ଲିକ, ବରିଷ୍ଠ ଓକିଲ ତଥା ବଅଁରପାଳ ଓକିଲ ସଂଘ ସମ୍ପାଦକ ହେମନ୍ତ କୁମାର ସାହୁ, ସୁଶାନ୍ତ ମିଶ୍ର, ଶୁଭ୍ରଜିତ ବିଶୋଇ, ଅଜୟ ସେଠ, ସନାତନ ପ୍ରଧାନ, ସୁଶୀଲ ପଟ୍ଟନାୟକ, ବିଘୋଷ ରଞ୍ଜନ ସିଂହ, ପ୍ରମୋଦ ସାମଲ, ଉମାକାନ୍ତ ଦାସ, ଦୁଷ୍ମନ୍ତ ସିଂହ, ଭବାନୀ ପ୍ରଧାନ, ପ୍ରସନ୍ନ ମିଶ୍ର ଓ ବଅଁରପାଳ ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀମାନେ।

## ୧୦ ଗ୍ରାମ ବ୍ରାଉନସୁଗାର ଜବତ



**ଅନୁଗୋଳ ଅଫିସ, ୮।୨**

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୧୦ ଗ୍ରାମ ବ୍ରାଉନସୁଗାର ଜବତ ସହ କାଣ୍ଡସର ଅଞ୍ଚଳର ସନ୍ତୋଷ ସାହୁ(୩୩)ଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ନାଲ୍‌କୋ ଥାନା ଅଞ୍ଚଳରେ ଧଳା ଜହର ବ୍ୟବସାୟ ଚାଲୁଥିବା ଖବର ମିଳିଥିଲା। କାଣ୍ଡସର ଗାଁର ସନ୍ତୋଷ ପୂର୍ବାହ୍ନରେ ମନ୍ଦିର ନିକଟରେ ଧଳା ଜହର ବିକ୍ରି କରିବା ପାଇଁ ଯୋଜନା କରିଥିବା ବେଳେ ତାଙ୍କୁ ଧରାଯାଇଥିଲା। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୧୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିଲା। ଏହି କାରବାରରେ ଆଉ କେଉଁମାନେ ସମ୍ପୃକ୍ତ, ସେ ନେଇ ଖୋଳତାଡ଼ ଚାଲିଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ପବିତ୍ରମୋହନଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

**ତାଳଚେର/ ଅନୁଗୋଳ ଅଫିସ, ୮।୨**

ତାଳଚେର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା, ଆଜନ୍ମ ବିପ୍ଳବୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଜନନେତା ପବିତ୍ର ମୋହନ ପ୍ରଧାନଙ୍କ ୧୧୬ତମ ଜୟନ୍ତୀ ପବିତ୍ର ମୋହନ ପ୍ରଧାନ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଆବାହକ ତପନ ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ତାଳଚେର ପବିତ୍ର ମୋହନ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପବିତ୍ରମୋହନଙ୍କ ନୀତି ଆଦର୍ଶ ସମ୍ପର୍କରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗବେଷକ ଡ. ମହେଶ୍ୱର ପ୍ରଧାନ ଯୋଗଦେଇ ତାଳଚେରର ବରପୁତ୍ର ପବିତ୍ର ପ୍ରଧାନଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଜିତେନ୍ଦ୍ର ମହାପାତ୍ର, ନଗର ସଭାପତି ଆସିଫ ଖାଁ, କାଉନସିଲର ଯଶୋବନ୍ତ ମିଶ୍ର, ଶ୍ରମିକ ନେତା ବାବୁନି ସ୍ୱାଇଁ, ପ୍ରଦୀପ ମହାରଣା, ଆଲୋକ ମହାରଣା, ଟିଟି ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଅନୁଗୋଳ ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଯୁବ ଜନତା ଦଳ ଜିଲା କାର୍ଯ୍ୟାଳୟ ଓ ବନ୍ତଳାଠାରେ



ତାଳଚେରରେ ପବିତ୍ରମୋହନ ସ୍ମୃତି କମିଟି ପକ୍ଷରୁ ଜୟନ୍ତୀ ପାଳନ କରାଯାଉଛି।

ପବିତ୍ର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ଜିଲା ଉପସଭାପତି ତଥା କାଉନସିଲର ବଳରାମ ଜେନା, ଉପସଭାପତି କିଶୋର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ଜିଲା ସମ୍ପାଦକ ସୌରଭ ବେହେରା, ପ୍ରଦ୍ୟୁମ୍ନ ପ୍ରଧାନ, ଅମିତ କୁମାର ଦାସ, ଛାତ୍ର ନେତା ରାହୁଲ ମହାପାତ୍ର, ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଅନୁଗୋଳ ଯୁବ ବିଜେଡି ପକ୍ଷରୁ ଜୟନ୍ତୀ ପାଳନ କରାଯାଉଛି।

